

ସମଗ୍ର ପୃଥିବୀ ତୁମ ପାଇଁ ପରିବର୍ତ୍ତନ ହେବ ନାହିଁ,
ତୁମେ ନିଜକୁ ହିଁ ପରିବର୍ତ୍ତନ କରିବାକୁ ପଡ଼ିବ।
- ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



## ସଂକ୍ଷେପରେ



### ବିଭିନ୍ନ ଦୋକାନରେ ଚଢ଼ାଉ, ପଲିଥିନ ଜବତ

**ଜୟପୁର, ୫।୩ (ଡି.ଏନ.ଏ ):** ଜୟପୁର ପୌରସଂସ୍ଥା ପକ୍ଷରୁ ସହରର ବଜାର, ଦୋକାନ, ଗୋଦାମ ସହିତ ସାହି ଓ ବସ୍ତିର ରହିଥିବା ବିଭିନ୍ନ ଦୋକାନ ଉପରେ ଚଢ଼ାଉ କରାଯାଇ ପଲିଥିନ ଏବଂ ପ୍ଲାଷ୍ଟିକ ସାମଗ୍ରୀ ଜବତ କରାଯାଇଛି। ପୂର୍ବାହ୍ନରେ ସହରର ୨୧ ଏବଂ ୨୨ ନମ୍ବର ୱାର୍ଡ, ଏନ.କେ.ଟି ରୋଡ ଏବଂ ଦୈନିକ ବଜାରର ସମୁଦାୟ ୧୫ଟି ଦୋକାନ ଉପରେ ଚଢ଼ାଉ କରାଯାଇ ୧୩ କିଲୋଗ୍ରାମ ପଲିଥିନ ଜବତ କରାଯାଇଛି । ଏଥିସହ ୮ହାଜର ୬୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି । ବୁଧବାର ୮୩ କିଲୋଗ୍ରାମ ପଲିଥିନ ଜବତ କରାଯାଇଥିବା ବେଳେ ୧୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା ।

### ଆଙ୍କୋରଡା ସରପଞ୍ଚଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର

**ଦିଗପହଣ୍ଡି,୫।୩(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଆଙ୍କୋରଡା ସରପଞ୍ଚ ଉଷାନ୍ତ ସାହୁଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇଛି। ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜାରି ଆଦେଶ ପ୍ରକାରେ ନିଲମ୍ବନ ପ୍ରତ୍ୟାହାର କରାଯାଇ ତାଙ୍କୁ ସରପଞ୍ଚ ଭାବେ ପୁନଃନିଯୁକ୍ତ କରାଯିବା ସମ୍ପର୍କିତ ଆଦେଶର ନକଲ ଗଞ୍ଜାମ ଜିଲାପାଳ ଏବଂ ଦିଗପହଣ୍ଡି ବିଡିଓଙ୍କ ନିକଟରେ ପହଞ୍ଚିଛି। ପ୍ରକାଶ ଯେ, ବେଆଇନ ସମ୍ପତ୍ତି ଠୁଳ ଅଭିଯୋଗରେ ସରପଞ୍ଚ ସାହୁଙ୍କୁ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ଗତ ଜୁଲାଇ ୧୧ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜୁଲାଇ ୨୨ରେ ସେ ଜାମିନରେ ବ୍ରହ୍ମପୁର ଜେଲରୁ ଫେରିଥିଲେ ମଧ ଓଡିଶା ଗ୍ରାମ ପଞ୍ଚାୟତ ଆଇନର ଧାରା ୧୯ ଉଲଙ୍ଘନ କରିଥିବା ଅଭିଯୋଗରେ ତାଙ୍କୁ ରାଜ୍ୟ ପଞ୍ଚାୟତିରାଜ ବିଭାଗ ନିଲମ୍ବିତ କରିଥିଲା। ଏପରିକି ତାଙ୍କ ବିରୋଧରେ କାହିଁକି ଶୃଙ୍ଖଳା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେ ନେଇ ନୋଟିସ ଜାରି ହୋଇଥିଲା। ତେବେ ସରପଞ୍ଚ ଉଚ୍ଚ ନ୍ୟାୟାଳୟଙ୍କ ମାଧମରେ ବ୍ୟକ୍ତିଗତ ପକ୍ଷ ରଖିବା ପାଇଁ ସୁଯୋଗ ଦେବାକୁ ସେ ସରକାରଙ୍କୁ ଅନୁରୋଧ କରିଥିଲେ। ଗତ ୨୫ ତାରିଖରେ ଉଷାନ୍ତ ସାହୁଙ୍କୁ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ଠାରେ ବ୍ୟକ୍ତିଗତ ଭାବେ ହାଜର ହୋଇ ନିଜର ପକ୍ଷ ରଖିବାକୁ ସୁଯୋଗ ଦିଆଯାଇଥିଲା। ପଞ୍ଚାୟତିରାଜ ମନ୍ତ୍ରୀ ଶୁଣାଣି କରିବା ପରେ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି।

# ପୂର୍ବ ନିର୍ବାଚନରେ ପରାଜୟ ନେଇ ଆଲୋଚନା

**ଜୟପୁର, ୫।୩ (ଡି.ଏନ.ଏ )**



କର୍ମୀମାନେ ଶପଥ ନେଉଛନ୍ତି ।

କୋରାପୁଟ ଜିଲା ଜୟପୁର ନିର୍ବାଚନ ମଣ୍ଡଳୀ ପକ୍ଷରୁ ସ୍ଥାନୀୟ ସଙ୍ଗମ କଲ୍ୟାଣ ମଣ୍ଡପଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେଡି ନେତ୍ରୀ ଇନ୍ଦିରା ନନ୍ଦ ନେତୃତ୍ୱ ନେଇ ଥିଲେ । ସମସ୍ତ ପଛ କଥା ଭୁଲି ମିଳିତ ଭାବେ ଏକଜୁଟ ହୋଇ ଦଳକୁ ସୁଦୃଢ଼ କରିବାକୁ କହିଥିଲେ । ସେହିପରି ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ସେବା କରିବାକୁ ଆହ୍ୱାନ କରିଥିଲେ । ବରିଷ୍ଠ ସଦସ୍ୟ ରମାକାନ୍ତ ରାଉଳଙ୍କ ଆହ୍ୱାନକ୍ରମେ ଏହି ବୈଠକରେ ସମସ୍ତ ବକ୍ତା ୨୦୧୪ ଏବଂ ୨୦୧୯ ରେ ଜୟପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ପରାଜୟ କାରଣ ନେଇ ମତ ରଖିଥିଲେ । ଏହିପରି ଦୁଇ ଦୁଇ ଥର ହାରିବା କାରଣକୁ କର୍ମୀମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ବୈଠକରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଯୋଗ ଦେଇ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ସଭାରେ କୌଣସି ବକ୍ତବ୍ୟ ରଖି ନ ଥିଲେ । ବରିଷ୍ଠ ସଦସ୍ୟ ଦୁର୍ଗା ପ୍ରସାଦ ମିଶ୍ର କହିଥିଲେ ଯେ, ଜୟପୁରରେ ବିଜେଡିର ବେପାରୀ ଏବଂ ଠିକାଦାରିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଥିଲା । ସମସ୍ତେ ନିଜ ନିଜର ସ୍ୱାର୍ଥ ପାଇଁ କାର୍ଯ୍ୟ କରିଥିଲେ ସୁଦ୍ଧା ଦଳ ପାଇଁ କିଏ କାର୍ଯ୍ୟ କରି ନ ଥିବା କହିଥିଲେ । ସେହିପରି ବିଷ୍ଣୁ ପ୍ରସାଦ ପାତ୍ର ନିଜ ବକ୍ତବ୍ୟରେ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ବିଜୟୀ ଲୋକ ପ୍ରତିନିଧିମାନେ ଲୋକଙ୍କ ସେବା ବଦଳରେ ନିଜ ନିଜ ଭିତରେ ପତିଆରା ଏବଂ ନିଜର ସମ୍ପତ୍ତି ବଢ଼ାଇବା ପାଇଁ ପ୍ରୟାସ କରିଥିଲେ । କିନ୍ତୁ ଦଳ ଏବଂ ପ୍ରାର୍ଥୀଙ୍କ ପାଇଁ କେହି କାର୍ଯ୍ୟ କରୁ ନ ଥିଲେ । ଭୋଟର ଏହି ଲୋକପ୍ରତିନିଧିଙ୍କୁ ନେଇ ଅତିଷ୍ଠ ହୋଇ ପଡ଼ିଥିଲେ । ଯାହା ବିଧାନସଭା ନିର୍ବାଚନରେ ସ୍ଥାନୀୟ ଦଳୀୟ ପ୍ରାର୍ଥୀ ହାରିବାର ଏକ ମୁଖ୍ୟ କାରଣ ବୋଲି କହିଥିଲେ । ପୂର୍ବତନ ପୌର ଉପାଧ୍ୟକ୍ଷ ଅନୁପ ପାତ୍ର କହିଥିଲେ, ସ୍ଥାନୀୟ ଦଳୀୟ କର୍ମୀମାନେ ସେମାନଙ୍କ ନେତା ବାଛୁଥିଲେ । କିନ୍ତୁ ବର୍ତ୍ତମାନ ସବୁଦଳରେ ରାଜ୍ୟସ୍ତରରେ ନିର୍ବାଚନ ମଣ୍ଡଳୀ ଏବଂ ଜିଲା ସ୍ତରରେ ନେତା ବଛାଯାଇ ଏହା ମାନିବାକୁ କର୍ମୀମାନଙ୍କୁ ବାଧ୍ୟ କରାଯାଉଛି । କର୍ମୀମାନେ ଏହିପରି ଚାପକୁ ସହଜରେ ଗ୍ରହଣ କରୁ ନ ଥିବା ଯୋଗୁ ଏହା ନିର୍ବାଚନରେ ଆତ୍ମଘାତୀ ରୂପ ନେଉଛି ବୋଲି କହିଥିଲେ । ନିର୍ବାଚନରେ ଜିତିବା ହାରିବା ରହିଛି । କିନ୍ତୁ ନିର୍ବାଚନରେ ନେତା ହାରିବା ପରେ ଚୁପ ହୋଇ ବସିବା ଦ୍ୱାରା କର୍ମୀମାନେ ହତୋତ୍ସାହ ହେଉଛନ୍ତି । ଫଳରେ ଦଳର ଏକତା ଏବଂ ସଂଗଠନ ଭୁଶୁଡିବାରେ ଲାଗୁଛି । ଏହିପରି ଅବସ୍ଥା ଜୟପୁର ନିର୍ବାଚନ ମଣ୍ଡଳୀରେ ଦେଖିବାକୁ ମିଳିଛି ବୋଲି ପୂର୍ବତନ କାଉନସିଲର ଏ. ଶ୍ରୀନିବାସ ରାଓ କହିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ କାଉନସିଲର ବାଲା ରାୟ, ଶିବ ପଟ୍ଟନାୟକଙ୍କ ସମେତ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇ ଦଳକୁ ସୁଦୃଢ଼ ଓ ସଂଗଠିତ କରିବା ନେଇ ଶପଥ କରିଥିଲେ । ବିଜେଡି ଟାଉନ ସଭାପତି ହର ପ୍ରସାଦ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜୟପୁର ଏବଂ ବୋରିଗୁମ୍ମା ବ୍ଲକର କର୍ମୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ଛାତ୍ରୀନିବାସରେ ଅନ୍ତେବାସୀଙ୍କ ଆତ୍ମହତ୍ୟା

**ବୈପାରୀଗୁଡା,୫।୩(ଡ଼ି.ଏନ.ଏ)**

- ସୁଇସାଇଡ୍ ଚିଠି ଜବତ
- ସୁପରିଣ୍ଟେଣ୍ଡେଣ୍ଟ ଅଟକ

ବୈପାରୀଗୁଡ଼ାଠାରୁ ୩ କି.ମି ଦୂର ଚନ୍ଦ୍ରପଡାସ୍ଥିତ ଆଦର୍ଶ ବିଦ୍ୟାଳୟର ଛାତ୍ରୀନିବାସରେ ଗୁରୁବାର ଜଣେ ଅନ୍ତେବାସୀ ଆତ୍ମହତ୍ୟା କରିଛନ୍ତି । ସେ ହେଲେ ନବମ ଶ୍ରେଣୀ ଛାତ୍ରୀ ବିଳାସିନୀ ଚର୍କି । ତାଙ୍କ ଘର ରାମଗିରି ଗ୍ରାମରେ। ଖବରପାଇ ବୈପାରୀଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏହି ଘଟଣାରେ ପୋଲିସ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ଗୁରୁବାର ଏଠାରେ ରହୁଥିବା ଅନ୍ତେବାସୀମାନେ ମଧ୍ୟାହ୍ନଭୋଜନ ଖାଇବାକୁ ଯାଇଥିଲେ । ଏହି ସମୟରେ ବିଳାସିନୀ ଏକ କୋଠରିରେ ବେକରେ ଓଢଣୀ ଦେଇ ଆତ୍ମହତ୍ୟା କରିଥିଲେ। ଅନ୍ୟ ଅନ୍ତେବାସୀମାନେ ଖାଇସାରି ଫେରି କବାଟ ବାଡ଼େଇଥିଲେ ମଧ୍ୟ ସେ କବାଟ ଖୋଲି ନ ଥିଲେ । ଏନେଇ ଛାତ୍ରୀମାନେ ଶିକ୍ଷକଙ୍କୁ ଜଣାଇଥିଲେ । ଶିକ୍ଷକମାନେ ଆସି କାବଟ ଭାଙ୍ଗିବାରୁ ଛାତ୍ରୀ ଜଣକ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ । ଖବରପାଇ ବୈପାରୀଗୁଡା ଥାନା ଏସ୍.ଆଇ ରମେଶ ଚନ୍ଦ୍ର ଦେବର୍ତ୍ତା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ । ଆତ୍ମହତ୍ୟା କରିବା ପୂର୍ବରୁ ବିଳାସିନୀ ତାଙ୍କର ଜଣେ ସାଙ୍ଗଙ୍କୁ ଦେଇଥିବା ଚିଠିକୁ ପୋଲିସ୍ ଜବତ କରିଛି । ଉକ୍ତ ଚିଠିରେ ସୁପରିଣ୍ଟେଣ୍ଡେଣ୍ଟ ସୁଜାତା ନାୟକ ତାଙ୍କୁ ମାନସିକ ନିର୍ଯାତନା ଦେଉଥିବା ଉଲ୍ଲେଖ ରହିଛି । ବୁଧବାର ରାତିରେ ଏହି ଚିଠିକୁ ବିଳାସିନୀ ତାଙ୍କ ସାଙ୍ଗକୁ ଦେଇଥିଲେ । ଗୁରୁବାର ମଧ୍ୟାହ୍ନ ଭୋଜନ ପରେ ହିଁ ପଢିବାକୁ ରାଣ ନିୟମ ପକାଇଥିବାରୁ ସେ ଏହାକୁ ପଢି ନ ଥିଲେ ବୋଲି ସାଙ୍ଗ ଜଣକ ପୋଲିସ ଆଗରେ କହିଛନ୍ତି । ସେହିପରି ଆଉ ଏକ ଚିଠି ଉକ୍ତ ବିଦ୍ୟାଳୟର ଜଣେ ଛାତ୍ରଙ୍କ ହାତରେ ନିଜ ଘର ଲୋକଙ୍କ ନିକଟକୁ ପଠାଇଥିଲେ ।

# ନର୍କାଗୁଡ଼ାରେ ମିଳିମିଳା: ପହଞ୍ଚିଲା ଡ଼ାକ୍ତରୀ ଟିମ୍

**ଦଶମନ୍ତପୁର,୫।୩(ଡ଼ି.ଏନ.ଏ)**

**ଧରିତ୍ରୀ ପ୍ରଭାବ**
- ରକ୍ତ ନମୁନା ସଂଗ୍ରହ

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୁଲ୍ଲା ପଞ୍ଚାୟତ ନେର୍କାଗୁଡ଼ା ଗାଁରେ ଦିନକୁ ଦିନ ମିଳିମିଳା ବ୍ୟାପିବାରେ ଲାଗିଛି। ଗୁରୁବାର ଏକ ଡ଼ାକ୍ତରୀ ଟିମ୍ ଉକ୍ତ ଗ୍ରାମରେ ପହଞ୍ଚିଛି । ସେଠାରୁ ୭ ଜଣଙ୍କ ରକ୍ତନମୁନା ସଂଗ୍ରହ କରିଛନ୍ତି । ଗ୍ରାମର ନକୁଳ ପରଜା, ମଙ୍ଗଳି ପରଜା, ଚମ୍ପା ପରଜା, ଛୋଟା ଜାନୀ, ମକର ପରଜା, ମନ ପରଜା ଏବଂ ସନାଇ ପରଜା ପ୍ରମୁଖ କିଛି ଦିନ ହେବ ମିଳିମିଳାରେ ଆକ୍ରାନ୍ତ ହୋଇଛନ୍ତି । ପୀଡ଼ିତମାନେ ଚିକିତ୍ସାଳୟକୁ ନ ଯାଇ ଚେରମୂଳି ଔଷଧ ସେବନ କରୁଥିଲେ । ଏନେଇ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ତତ୍ପର ହୋଇ ଉଠିଛି । ଗୁରୁବାର ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଅରୁଣ ପାଢ଼ୀଙ୍କ ନେତୃତ୍ୱରେ ନେର୍କାଗୁଡ଼ା ଗାଁରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲା ସରଭିଲାନ୍ସ ଅଧିକାରୀ ସ୍ମୃତିଜି ପଟ୍ଟନାୟକ, ଏପିଏମଇଓ ସାବିତ୍ରୀ ରାଉତ, ସୁପରଭାଇଜର୍ ପ୍ରବୋଧ ବେବର୍ତ୍ତା, ମାଇକ୍ରୋ ବାୟୋଲୋଜିଷ୍ଟ ଜ୍ଞାନେଶ୍ୱରୀ ମିଶ୍ର, ଏଲ.ଟି. ଆର୍.ଖଟୁଆ ଗ୍ରାମରେ ପହଞ୍ଚିଥିଲେ । ସେହିପରି ଦଶମନ୍ତପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅବିନାଶ ବାରିକଙ୍କ ନେତୃତ୍ୱରେ ସ୍ଥାନୀୟ ଏମ.ଏଚ.ୟୁ. ଟିମ ମଧ୍ୟ ନେର୍କାଗୁଡ଼ା ଗାଁକୁ ଯାଇ ୧୮ ଆକ୍ରାନ୍ତଙ୍କ ଚିକିତ୍ସା କରିବା ସହ ଔଷଧ ପ୍ରଦାନ କରିଥିଲେ । ଏଥିସହ ୭ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରିଛନ୍ତି। ଏହି ରୋଗର କାରଣ ଓ ନିରାକରଣ ନେଇ ଗ୍ରାମବାସୀଙ୍କୁ ସଚେତନ କରିଥିଲେ ।



ଗ୍ରାମରେ ଡ଼ାକ୍ତରୀ ଟିମ୍ ଆକ୍ରାନ୍ତଙ୍କ ଚିକିତ୍ସା କରୁଛନ୍ତି ।

# ଉଦ୍‌ଘାଟିତ ହେଲା ଶିଶୁ ଉଦ୍ୟାନ, ଯାତ୍ରୀ ବିଶ୍ରାମାଗାର



ଅତିଥି ଶିଶୁ ଉଦ୍ୟାନକୁ ଉଦ୍‌ଘାଟନ କରୁଛନ୍ତି।

**ସୁନାବେଡା, ୫।୩**

ସୁନାବେଡା ପୌରପରିଷଦରେ ଗୁରୁବାର ପଞ୍ଚାୟତିରାଜ ଦିବସ ଏବଂ ପ୍ରବାଦ ପୁରୁଷ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଯାଇଛି । ରାଜ୍ୟ ବିହନ ନିଗମ ଅଧକ୍ଷ ଈଶ୍ୱରଚନ୍ଦ୍ର ପାଣିଗ୍ରାହୀ, ପୌରପରିଷଦ ଅଧକ୍ଷା ଶୁଭଶ୍ରୀ ମଲ୍ଲିକ,ଉପ ନଗରପାଳ ରତ୍ନାକର ନନ୍ଦ, ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର ଯୋଗ ଦେଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ବିଜୁ ବାବୁଙ୍କ ନୀତି ଆଦର୍ଶ ଓ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏହା ପରେ ବିହନ ନିଗମ ଅଧକ୍ଷ ଅଞ୍ଚଳର କୃଷକମାନେ କିପରି ସୁବିଧା ଓ ସୁଲଭ ଦରରେ ବିଭିନ୍ନ ବିହନ ପାଇପାରିବେ ସେନେଇ ଭେଣ୍ଡିଙ୍ଗ ଜୋନଠାରେ ଏକ ବିହନ ବିକ୍ରୟ କେନ୍ଦ୍ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏଥିସହ ମ୍ୟୁନିସିପାଲିଟି ଛକଠାରେ ଯାତ୍ରୀ ବିଶ୍ରାମାଗାର, ପୌରପରିଷଦର ମୁଖ୍ୟ ପ୍ରବେଶ ଫାଟକ ଏବଂ ସୁନାବେଡା ହାଉସିଂ ବୋର୍ଡଠାରେ ଏକ ଶିଶୁ ଉଦ୍ୟାନ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜୁ ଯୁବ ଜନତା ଦଳର ସଭାପତି ଅମିତ ଅଗ୍ରୱାଲ, ଉପସଭାପତି ଭରତ ମଲ୍ଲିକ, ସାଧାରଣ ସମ୍ପାଦକ ପ୍ରଭାତ କୁମାର ସୂତାର, ନଗର ସଭାପତି ବିଜୟ ରାଉତ, ବିଜେଡି ଜିଲା ସମ୍ପାଦକ ବିଜୟ ପଣ୍ଡା, ଜେଇ ମନୋଜ କୁମାର ପାତ୍ର, ଏଇ ଅରୁଣ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ପୌରପରିଷଦର ଚିତ୍ତରଞ୍ଜନ ସାହୁ ଓ ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

**ଦାମନଯୋଡି, ୫।୩**

ଦାମନଯୋଡିର ଭେଜାପୁଟରୁ କଣ୍ଟା ବାଉଁଶୁଣି ମନ୍ଦିରକୁ ଯାଇଥିବା ବାଇପାସ ରୋଡ଼ରେ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ସେ ହେଲେ ସେହଜାଦି ବେଗମ୍(୬୦) । ଖବରପାଇ ଦାମନଯୋଡ଼ି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କୋରାପୁଟ ମେଡ଼ିକାଲକୁ ପଠାଇଛି ।

ବୁଧବାର ସନ୍ଧ୍ୟାରେ ଅବଦୁଲ କଲାମ ତାଙ୍କ ମାଆ ସେହଜାଦିଙ୍କୁ ବାଇକ୍‌ରେ ଧରି ସେମିଳିଗୁଡ଼ା ଷ୍ଟେଶନରୁ ଫେରୁଥିଲେ । ବାଇପାସ ରାସ୍ତାରେ ପଛରୁ ଏକ ଗାଡି ବାଇକ୍‌କୁ ଧକ୍କା ଦେଇଥିଲା । ଫଳରେ ସେହଜାଦିଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା ବୋଲି ଦାମନଯୋଡି ଥାନା ଅଧିକାରୀ ସମ୍ମିତ କୁମାର ବେହେରା ସୂଚନା ଦେଇଛନ୍ତି । ଏନେଇ ଦାମନଯୋଡି ଥାନାରେ ଏକ ମାମଲା (କେସ ନମ୍ବର ୨୧/୨୦) ରୁଜୁ କରାଯାଇଛି ।

# ସାହିତ୍ୟିକ ରାମନାଥ ପଣ୍ଡାଙ୍କ ଜୟନ୍ତୀ ପାଳିତ

**ଜୟପୁର,୫।୩(ଡି.ଏନ.ଏ)**





ଜୟନ୍ତୀରେ ମଞ୍ଚାସୀନ ଅତିଥି।

ଓଡିଶା ସାହିତ୍ୟ ଏକାଡେମୀ ଏବଂ ରାମନାଥ ପଣ୍ଡା ଫାଉଣ୍ଡେଶନଙ୍କ ମିଳିତ ଆନୁକୂଲ୍ୟରେ କୋରାପୁଟ ଜିଲା ଜୟପୁରସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ବିଦ୍ୟାଳୟ ପରିସରରେ ସାହିତ୍ୟିକ, ପ୍ରକାଶକ ତଥା ଧରିତ୍ରୀର ପ୍ରଥମ ସମ୍ପାଦକ ରାମନାଥ ପଣ୍ଡାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ରାମନାଥ ପଣ୍ଡା ଫାଉଣ୍ଡେଶନର ସଭାନେତ୍ରୀ କମଳ କୁମାରୀ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ସାହିତ୍ୟ ଏକଡେମୀର ସଦସ୍ୟ ପ୍ରଦୀପ ହୋତା ଯୋଗ ଦେଇ ସାହିତ୍ୟିକ ରାମନାଥ ଜଣେ ପ୍ରକାଶକ ଭାବେ ୩୪ ହଜାର ପୁସ୍ତକ ବିକ୍ରି କରିପାରିଥିଲେ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ କବି ତଥା ପ୍ରବଚକ ମନମୋହନ ଆଚାର୍ଯ୍ୟ ଯୋଗଦେଇ ତାଙ୍କର ରଚିତ ଏବଂ ପ୍ରକାଶିତ ବିଭିନ୍ନ ପୁସ୍ତକ ଓ ପତ୍ରିକା ଉପରେ ଆଲୋକପାତ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଉତ୍କଳ ସମ୍ମିଳନୀର ରାଜ୍ୟ ଉପସଭାପତି ବିନୋଦ ମହାପାତ୍ର ରାଜ୍ୟର ଅଗ୍ରଣୀ ଖବରକାଗଜ ଧରିତ୍ରୀର ପ୍ରତିଷ୍ଠାତା ସଂପାଦକ ଭାବେ ନିଷ୍ଠାପର ଭାବେ ଦକ୍ଷତା ପ୍ରତିପାଦନ କରିପାରିଥିଲେ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମକୁ ରାମନାଥ ଫାଉଣ୍ଡେଶନ ସମ୍ପାଦକ ଗୋପାଳକୃଷ୍ଣ ସାମନ୍ତରାୟ ପରିଚାଳନା କରିଥିଲେ । ଏଥିରେ ଅଶୋକ ମହାରଣା ଧନ୍ୟବାଦ ଦେଇଥିଲେ । ଶେଷରେ ସ୍ୱର ଘୁଙ୍ଗର ପକ୍ଷରୁ ସଂଗୀତ, ପ୍ରେରଣା ନୃତ୍ୟ ଏବଂ ନାଟକ ପରିବେଷଣ କରାଯାଇଥିଲା । ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବ କାର୍ଯ୍ୟକ୍ରମକୁ ରଘୁନାଥ ବିଶ୍ୱାଳ ସଂଯୋଜନା କରିଥିଲେ । ଏହି ଅବସରରେ ଉପସଭାପତି ବିଜୟ ପାତ୍ର, ବୈଦ୍ୟନାଥ ପଣ୍ଡା, ଡ, ସୁରେଶ ଦାଶ, ଭାସ୍କର ସାମନ୍ତରାୟ, ପ୍ରେମାନନ୍ଦ ଦାଶ, ପଣ୍ଡିତ ମୃତ୍ୟୁଞ୍ଜୟ ଦାଶ, ଶ୍ରୀନାଥ ମିଶ୍ର, ହରିହର କରସୁଧା ପଟ୍ଟନାୟକ, ପ୍ରଭୁଦାନ ଭତ୍ରା, ମଦନ ମୋହନ ନାୟକ, ଲକ୍ଷ୍ମୀକାନ୍ତ ପାଢୀ, ଯଜ୍ଞେଶ୍ୱର ପଣ୍ଡା ଉପସ୍ଥିତ ଥିଲେ ।

# ସବୁଠି ବିଜୁବାବୁଙ୍କ ସ୍ମୃତିଚାରଣ

**ଦଶମନ୍ତପୁର/ଜୟପୁର/ଲକ୍ଷ୍ମୀପୁର/ ବୈପାରୀଗୁଡା/ ଦାମନଯୋଡ଼ି ୫।୩ (ଡ଼ି.ଏନ.ଏ)**

ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡମ୍ବରୁଧର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷ ନାରାୟଣ ବିଶୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ରୂପକ ତୁରୁକ, ବ୍ଲକ ଅଧ୍ୟକ୍ଷା ସୁନାମଣି ମୁଦୁଲି, ତହସିଲଦାର ଅଜୟ ପ୍ରକାଶ ତର୍କି, ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ, ଅଗ୍ନିଶମ ବିଭାଗ ଅଧିକାରୀ ଆର୍.ଏସ.ନାୟକ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ନମିତା ପଣ୍ଡା, ଜିଲା ପରିଷଦ ସଭ୍ୟ କହ୍ନେଇ ଜାନୀ, ମମତା କୁଳଦୀପ, ରାଜେନ୍ଦ୍ର ହୁଇକା, ଅତୁଲ ନାୟକ ଯୋଗ ଦେଇ ବିଜୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ । ସେହିପରି ଜୟପୁର ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ପାଳିତ ହୋଇଥିଲା ପଞ୍ଚାୟତିରାଜ ଦିବସ ଓ ବିଜୁ ଜୟନ୍ତୀ । ଏଥିରେ ବିଡିଓ ସୁରଜ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁକାନ୍ତି ବାଗଦେରିଆ, ଜିଲା ପରିଷଦ ସଦସ୍ୟା ବିନ୍ଦୁରାଣୀ ମିଶ୍ର, ମନଧର ଗାଦବା, ସିଡିପିଓ ପ୍ରତିଭା ତ୍ରିପାଠୀ ମଞ୍ଚାସୀନ ଥିଲେ । ସରପଞ୍ଚ ବୈଦ୍ୟନାଥ ନାୟକ, ସମିତି ସଭ୍ୟ ରାଜେନ୍ଦ୍ର ସାହୁ, କର୍ମଚାରୀ କାଳୀପ୍ରସାଦ ପଟ୍ଟନାୟକ, ଆଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଲକ୍ଷ୍ମୀପୁର ବ୍ଲକ ପରିସରରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ବିଡିଓ ପ୍ରସନ୍ନ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ମହାବିଦ୍ୟାଳୟ ଅଧକ୍ଷ ବୀରେନ କୁମାର ଶତପଥୀ, ବ୍ଲକ କୃଷି ଅଧିକାରୀ ଅଜିତ କୁମାର ଗିରି, ବ୍ଲକ ମଙ୍ଗଳ ଅଧିକାରୀ ପ୍ରଦୀପ୍ତ କୁମାର ମିଶ୍ର, ସିଡିପିଓ କନକଲତା ନାୟକ, ମହାଦେବ ଶତପଥୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏଥିସହ ବିଜୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ସେହିପରି ବୈପାରୀଗୁଡାରେ ପଞ୍ଚାୟତିରାଜ ଦିବସ ଓ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି । ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳାଠାରେ ଏକ ବୈଠକ ଆୟୋଜିତ ହୋଇଥିଲା । ଏଥିରେ ବ୍ଲକ ସଭାପତି ବିଜୟ ସାମନ୍ତରାୟ , ଯୁବ ବିଜେଡି ସଭାପତି ବିଶ୍ୱଜିତ ନାୟକ, ସାଥିରାମ ନାୟକ ,ଭାସ୍କର ଚନ୍ଦ୍ର ବେହେରା ,ଲକ୍ଷ୍ମୀକାନ୍ତ ପାଢୀ, ବ୍ଲକ ଅଧ୍ୟକ୍ଷା ସରୋଜିନୀ କାଣ୍ଡିକି ,ସରପଞ୍ଚ ଭାଗୀରଥି ମୁର୍ଜିଆ ,ବିରଞ୍ଚି ନାରାୟଣ ପାତ୍ର ,ପ୍ରଦିପ ଗୌଡ, ପ୍ରସନ୍ନ ଗୌଡ .ବ୍ଲକ ଉପାଧ୍ୟକ୍ଷ ତ୍ରିଲୋଚନ ଜେନା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ । ସେହିପରି ନାଲ୍‌କୋ ଖଣି ଓ ପରିଶୋଧନ ପ୍ରକଳ୍ପରେ ପ୍ରବାଦ ପୁରୁଷ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ନାଲ୍‌କୋ ଟାଉନ୍‌ସିପ୍ ସେକ୍ଟର-୧ସ୍ଥିତ ବିଜୁ ପଟ୍ଟନାୟକ ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ନାଲ୍‌କୋ ଅଧିକାରୀ, ରାଜନେତା, ଲୋକ ପ୍ରତିନିଧି, ନାଲ୍‌କୋ କର୍ମଚାରୀ ଓ ଜନତା ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରିଥିଲେ। ନାଲ୍‌କୋ ଇଡି ରବି ଶଙ୍କର ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ପଟ୍ଟାଙ୍ଗୀ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, କୋରାପୁଟ ବ୍ଲକ ଉପାଧକ୍ଷ ମୁରଲୀ ଖରା, ନାଲ୍‌କୋର ମହାପ୍ରବନ୍ଧକ ଏସ୍.କେ.ପାଢ଼ୀ , ଭୀମସେନ ପ୍ରଧାନ, ପି.କେ. ପାତ୍ର, ବି.କେ. ଦାଶ, ବି.କେ. ପଣ୍ଡା, ଅରୁଣ କୁମାର ଦାସ, ନେତ୍ରାନନ୍ଦ ମହାରଣା, ମହମ୍ମଦ ଫରିଦ, ଏଜିଏମ୍ ଶଶାଙ୍କ ଶେଖର ସାହୁ, ବି.ସି. ଦାସ ପ୍ରମୁଖ ଅନ୍ୟତମ ଅତିଥି ରୂପେ ଯୋଗ ଦେଇଥିଲେ।



ଦାମନଯୋଡ଼ିରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।





ଦଶମନ୍ତପୁରରେ ଆୟୋଜିତ ପଞ୍ଚାୟତିରାଜ ଦିବସରେ ଯୋଗ ଦେଇଥିବା ଅତିଥିମାନେ।





ବୈପାରୀଗୁଡାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।



ତୁମ୍ଭମାନଙ୍କର ଶତ୍ରୁମାନଙ୍କୁ ପ୍ରେମକର, ଯେଉଁମାନେ ତୁମ୍ଭମାନଙ୍କୁ ଘୃଣା କରନ୍ତି, ସେମାନଙ୍କର ମଙ୍ଗଳ କର।
-ଯିଶୁଖ୍ରୀଷ୍ଟ



## ସଂକ୍ଷେପରେ



### ବିଦ୍ୟୁତ୍ ସଂଯୋଗ ନ ଥାଇ ଆସୁଛି ବିଲ୍

**ଫିରିଙ୍ଗିଆ, ୫।୩:** କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ସଲାଗୁଡା ପଞ୍ଚାୟତ ବିନ୍ଦୁପ୍ରିୟା ଗ୍ରାମରେ ବିଦ୍ୟୁତ୍ ନାହିଁ। ହେଲେ ହିତାଧିକାରୀଙ୍କ ନାମରେ ବିଲ୍ ଆସୁଛି। ଏ ନେଇ ସେମାନେ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଆସି ଅଭିଯୋଗ ଜଣାଇଛନ୍ତି। ବର୍ଷକ ମଧ୍ୟରେ ୨ ଥର ବିଲ୍ ଆସିଛି। ବର୍ଷକ ତଳେ ଗ୍ରାମରେ ବିପିଏଲ ହିତାଧିକାରୀମାନଙ୍କ ଘରକୁ ବିଦ୍ୟୁତ୍ ଯୋଗାଇବା ପାଇଁ ବ୍ୟବସ୍ଥା ହୋଇଥିଲା। ଖୁଣ୍ଟ ପୋତାଯାଇ ବିଦ୍ୟୁତ୍ ତାର ଟଣାଯାଇଥିଲା। ହେଲେ ୩ ହିତାଧିକାରୀଙ୍କ ଘର ନିକଟରେ ଖଟଣ୍ଟି ପୋତା ନ ଯାଇ କେବଳ ଘରେ ମିଟର ବସାଯାଇଥିଲା। ଏ ପର୍ଯ୍ୟନ୍ତ ସେମାନଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ଦେବା ପାଇଁ କିଛି ବ୍ୟବସ୍ଥା କରାଯାଇ ଥିବା ବେଳେ ବିଲ୍ ପଇଠ କରିବା ପାଇଁ କୁହାଯାଉଛି। ବିଦ୍ୟୁତ୍ ସଂଯୋଗ ନ ପାଇ ବିଲ୍ ପାଇଥିବା ଭଗବାନ କହଁର, ବିବୁନା କହଁର, ମାଝିରା କହଁର କହିଛନ୍ତି ଯେ, ସେମାନଙ୍କ ଘରେ ଖାଲି ଜିଆଇ ପାଇପ ବସିଛି। ଏବେ ବିଲ ଆସିଥିବାରୁ ବିଦ୍ୟୁତ୍ ସେବା ନପାଇ କିପରି ବିଲ୍ ଦେବୁ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଜୟଦେବ ସାହୁ କହିଛନ୍ତି, ଏନ୍‌ଟିପିସି ଏହି କାମ କରୁଥିଲା। ସେଠାରେ ଯଦି କିଛି ଭୁଲ ହୋଇଥିବ ତାହାଲେ ବିଦ୍ୟୁତ୍ ଦିଆଯାଇ ସମସ୍ୟାର ସମାଧାନ କରାଯିବ। ଅନ୍ୟପକ୍ଷରେ ଏନ୍‌ଟିପିସି କର୍ତ୍ତୃପକ୍ଷ ସେହି ପାଖ ଗାଁରେ କାମ କରୁଥିବା କହିଥିବା ବେଳେ ବିନ୍ଦୁପ୍ରିୟା ଗ୍ରାମରେ କାମ କରି ନ ଥିବା କହୁଛନ୍ତି। ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ବ୍ୟାଙ୍କରେ ଠକେଇ ଗୁଜବ

**ଭଞ୍ଜନଗର,୫।୩(ଡି.ଏନ.ଏ):** ଭଞ୍ଜନଗର ଅଞ୍ଚଳର ଏକ ରାଷ୍ଟ୍ରାୟତ ବ୍ୟାଙ୍କରେ ଠକେଇ ହୋଇଥିବାନେଇ କିଛିଦିନ ହେବ ସୋସିଆଲ ମିଡ଼ିଆରେ ଗୁଜବ ହେଉଛି। ଲୋକେ ବ୍ୟାଙ୍କରେ ବନ୍ଧକ ରଖୁଥିବା ସୁନାରେ ଠକେଇ ହୋଇଥିବା ପ୍ରଚାର ହେଉଛି। ଏହାପୂର୍ବରୁ ଗତ ମାସରେ ଉକ୍ତ ବ୍ୟାଙ୍କ ବିରୋଧରେ ଆଉ ଏକ ମିଥ୍ୟା ପ୍ରଚାର ହୋଇଥିଲା। ଯାହାକୁ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ମୁଣ୍ଡବ୍ୟଥା ବଢ଼ିଯାଇଥିଲା। ଏହି ପ୍ରଚାର ମିଥ୍ୟା ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରମାଣ କରିବାର କିଛିଦିନ ଯାଇ ନାହିଁ ପୁଣି ଆଉ ଗୋଟିଏ ପ୍ରଚାର ବ୍ୟାଙ୍କ ବିରୋଧରେ ଆସିଛି। ଯାହାକୁ ନେଇ ନାନା ସନ୍ଦେହ ପ୍ରକାଶ ପାଇଛି। ବ୍ୟାଙ୍କ ଠକେଇ ସମ୍ପର୍କରେ ଭଞ୍ଜନଗର ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଗୁଜବ ହେଉଥିବା ବ୍ୟାଙ୍କ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ, ଏନେଇ ଆମ ପାଖରେ ଲିଖିତ ଅଭିଯୋଗ ହୋଇନାହିଁ। ଅଭିଯୋଗ ଆସିଲେ ତଦନ୍ତ କରାଯିବ।

### ମହିଳାଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୫।୩:** ବ୍ରହ୍ମପୁର ରେଳଷ୍ଟେଶନ ପ୍ଲାଟଫର୍ମ ନଂ.୨ରେ ଗୁରୁବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ଲାଟଫର୍ମରେ ଠିଆ ହୋଇଥିବା ଜଣେ ମହିଳା ଟ୍ରେନ ଆଗକୁ ଡ଼େଇଁ ଆତ୍ମହତ୍ୟା କରିଛନ୍ତି। ତାଙ୍କ ପରିଚୟ ମିଳିନଥିବାବେଳେ ବୟସ ଆନୁମାନିକ ୨୭ ହେବ ବୋଲି ସରକାରୀ ରେଳବାଇ ପୋଲିସ (ଜିଆରପି) ଥାନାଧିକାରୀ ସୁକାନ୍ତ ଭୋଇ କହିଛନ୍ତି। ମାମଲା ରୁଜୁ ହୋଇଛି।

# ସବୁ କ୍ଷେତ୍ରରେ ଇତିହାସ ରଚୁଥିଲେ ବିଜୁବାବୁ

**ମାଲକାନଗିରି,୫।୩ (ଡି.ଏନ୍.ଏ.)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

- ପଞ୍ଚାୟତ ଜନପ୍ରତିନିଧିଙ୍କୁ କ୍ଷମତା ହସ୍ତାନ୍ତର କରିଥିଲେ
- ସବୁ କ୍ଷେତ୍ରରେ ସେ ନେଉଥିଲେ ଦୁଃସାହସିକ ପଦକ୍ଷେପ
- ନିଜ କୀର୍ତ୍ତି ପାଇଁ ସେ ବିଶ୍ୱରେ ପରିଚିତ

ମାଲକାନଗିରି ଜିଲାରେ ଗୁରୁବାର ପଞ୍ଚାୟତିରାଜ ଦିବସ ଜିଲାସ୍ତରଠାରୁ ଆରମ୍ଭ କରି ୭ଟିଯାକ ବ୍ଲକ ଏବଂ ସବୁ ପଞ୍ଚାୟତରେ ପାଳିତ ହୋଇଛି। ମାଲକାନଗିରି ସଦର ମହକୁମା ଡିଆରଡିଏ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ଉପାଧ୍ୟକ୍ଷ ସୁଲତା ମଣ୍ଡଳ, ଜିଲା ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ଜିଲାପାଳ ମନୀଷ ଅଗ୍ରୱାଲ, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀଚନ୍ଦନ ମିଶ୍ର ଯୋଗ ଦେଇଥିଲେ। ଜିଲା ପରିଷଦ ସଭ୍ୟାସଭ୍ୟ, ପ୍ରତ୍ୟେକ ବିଭାଗର ପଦାଧିକାରୀ, ବରିଷ୍ଠ ନାଗରିକମାନେ ମଧ୍ୟ ଉପସ୍ଥିତ ଥିଲେ। ଅତିଥିମାନେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ବାଲ୍ୟାବସ୍ଥା, ଚାକିରି କ୍ଷେତ୍ର ଏବଂ ରାଜନୀତି କ୍ଷେତ୍ରରେ ସେ ନେଇଥିବା ଦୁଃସାହସିକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପ୍ରବାଦପୁରୁଷ ଆଜି ସାରା ବିଶ୍ୱରେ ପରିଚିତ। ତାଙ୍କରି ଅବଦାନରେ ଓଡିଶାର ୧୩ ଜିଲାରୁ ୩୦ଟି ଜିଲା ହୋଇପାରିଛି। ସେଥିମଧ୍ୟରେ ମାଲକାନଗିରି ଜିଲା ଥିଲା ଅନ୍ୟତମ। ଜିଲା ଗଠନ ପରେ ମାଲକାନଗିରିର ଉପଯୁକ୍ତ ବିକାଶ ହୋଇପାରିଛି ବୋଲି ଅତିଥିମାନେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ବିଶେଷ କରି ପଞ୍ଚାୟତିରାଜ ଗଠନ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ପଞ୍ଚାୟତ ଜନପ୍ରତିନିଧିଙ୍କୁ କ୍ଷମତା ହସ୍ତାନ୍ତର କରି ସେ ଇତିହାସ ରଚିଛନ୍ତି। ସେହିପରି ମାଲକାନଗିରି ଜିଲା ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷ ଅକ୍ଷୟ ନାୟକଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ଉପାଧ୍ୟକ୍ଷା ବାଲାନ୍ତି ଗୋପାଲ, ସମିତିସଭ୍ୟ ଦାନିଏଲ ପାଙ୍ଗି, ବିଡିଓ ଅଜୟ କୁମାର ପ୍ରଧାନ, ସହକାରୀ ନିର୍ବାହୀଯନ୍ତ୍ରୀ କରୁଣାସାଗର ବେହେରା, ସାମାଜିକ କର୍ମୀ ଦୁର୍ଯ୍ୟୋଧନ ପାତ୍ର, ଶଙ୍କର୍ଷଣ ଖଣ୍ଡୁଆଳଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଅତିଥିମାନେ ବିଜୁବାବୁ ତାଙ୍କ ସମୟରେ ଓଡିଶା ପାଇଁ ନେଇଥିବା ଯୁଗାନ୍ତକାରୀ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ।


ଗ୍ରାମ ସଭାରେ ଉପସ୍ଥିତ ଗ୍ରାମ ମୁଖିଆ ଓ ଗ୍ରାମବାସୀ।

## ଗ୍ରାମସଭାରେ ଏନ୍‌ପିଆର ପ୍ରତ୍ୟାହାର ଦାବି

**କୋରୁକୋଣ୍ଡା, ୫।୩ (ଡି.ଏନ୍.ଏ.)**

ଆଗାମୀ ୧ ଏପ୍ରିଲରୁ ଲାଗୁ ହେଉଥିବା ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର) ପ୍ରତ୍ୟାହାର କରିବାକୁ ବିସ୍ଥାପିତ ତାଲାକୋଟି ଗ୍ରାମବାସୀ ଦାବି କରିଛନ୍ତି। ଅନୁଷ୍ଠିତ ଗ୍ରାମସଭାରେ ଏହି ଦାବି ଉଠିଛି। ତାର୍ଲାକୋଟା ଗ୍ରାମ ସଭାରେ ତର୍ଲାକୋଟା ପଞ୍ଚାୟତ ମୁଖ୍ୟ ଘେନୁ ମୁଦୁଲିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରେରଣ କରାଯାଇଛି। ଏଥିରେ ୪ ଦଫା ଦାବି ରହିବା ସହ ବିଧାନସଭାରେ ଆଲୋଚନା କରି ପ୍ରତ୍ୟାହାର କରିବା ପାଇଁ ଦାବି କରାଯାଇଛି। ଗ୍ରାମ ସଭାରେ ୧୦ଟି ଗ୍ରାମସଭାର ମୁଖିଆମାନେ ଯୋଗଦେଇ ଜିଲା ବ୍ୟାପୀ ଆନ୍ଦୋଳନର ଡାକରା ଦେଇଛନ୍ତି। ସେମାନଙ୍କ ମଧ୍ୟରେ ରଘୁ ଖିଲ, ବିରା ମୋଡି , କୃଷ୍ଣ ପାଣ୍ଡି, ଗଙ୍ଗାଧର ବଡନାୟକ, ମଧୁ ଖିଅଲ, ଧନୁର୍ଜୟ ଖିଲ, ଦାଶରଥ ଖରା, ଜୟରାମ ମଳିକ ଅଛନ୍ତି। ସେମାନେ ପ୍ରଶ୍ନ ଉଠାଇଛନ୍ତି ଯେ ବହୁ ଗରିବ ଲୋକ ସର୍ଭେ ସମୟରେ ନାଗରିକତାରୁ ବାଦ୍ ପଡିବେ। କାରଣ ମାଛକୁଣ୍ଡ, ଚିତ୍ରକୋଣ୍ଡା, ଜଳପ୍ରକଳ୍ପ ହେବା ପରେ ଉକ୍ତ ଅଞ୍ଚଳର ଲୋକଙ୍କୁ ବାରମ୍ବାର ବିସ୍ଥାପିତ ହେବାକୁ ପଡୁଛି। ଫଳରେ ସେମାନେ ଆବଶ୍ୟକ ତଥ୍ୟ ଦେବା ସମ୍ଭବ ନୁହେଁ ବୋଲି ଗ୍ରାମସଭାରେ ଦୀର୍ଘ ସମୟ ଆଲୋଚନା ହୋଇ ମତ ପ୍ରକାଶ ପାଇଥିଲା। ସଭାରେ ତାର୍ଲାକୋଟା ପଞ୍ଚାୟତର ୫୦୦ରୁ ଊର୍ଦ୍ଧ୍ୱ ଲୋକ ଯୋଗଦେଇ ଏହାକୁ ତୀବ୍ର ବିରୋଧ କରିଥିଲେ।

# ସରିଲାଣି ୯୦ କିମି ମାଟି, ୨୦ କିମି ପିଚୁ ରାସ୍ତା

**ମାଲକାନଗିରି,୫।୩ (ଡି.ଏନ୍.ଏ.)**

### ସ୍ୱାଭିମାନ ଅଞ୍ଚଳ

- କାର୍ଯ୍ୟ କରୁଥିବା କନିଷ୍ଠଯନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା
- କେବେ ଚାଲିଚାଲି କେବେ ବାଇକ୍‌ରେ ବୁଲୁଛନ୍ତି ପ୍ରତି ଗାଁ
- ଜିଲାପାଳ, ବିଭାଗୀୟ ସହଯୋଗରେ ବିକାଶ ହେଉଛି


କନିଷ୍ଠ ଯନ୍ତ୍ରୀ କାର୍ଯ୍ୟ କାର୍ଯ୍ୟ ତଦାରଖ କରୁଛନ୍ତି।

ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରେ କାର୍ଯ୍ୟ କରୁଥିବା ଜଣେ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ବେହେରାଙ୍କୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପ୍ରଶଂସା କରିଛନ୍ତି। ୫ଟି ବିଭାଗର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିବା ସମୟରେ ମାଲକାନଗିରି ଜିଲାର କନିଷ୍ଠଯନ୍ତ୍ରୀ ବେହେରାଙ୍କ କାର୍ଯ୍ୟ ସମ୍ପର୍କରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାଓବାଦୀଙ୍କ ଗଡ କୁହାଯାଉଥିବା ସ୍ୱାଭିମାନ ଅଞ୍ଚଳର ବିକାଶ ପାଇଁ ଯନ୍ତ୍ରୀ ବେହେରା କେତେବେଳେ ପାଦରେ ଚାଲିଚାଲି ତ କେତେବେଳେ ବାଇକ୍‌ରେ ବିଭିନ୍ନ ଗ୍ରାମକୁ ଯାଇ ସେହି ଗ୍ରାମଗୁଡିକର ରାସ୍ତାଘାଟ କିପରି ତିଆରି କରାଯିବ ସେନେଇ ଲୋକଙ୍କୁ ସଚେତନ କରିବା ସହ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି।

ସୂଚନାଯୋଗ୍ୟ ଯେ, ଚିତ୍ରକୋଣ୍ଡା ବ୍ଲକର ପଣସପୁଟ, ଜୋଡାମ୍ବ, ଅଣ୍ଡ୍ରାପାଲ୍ଲି, ଯନ୍ତ୍ରୀ, ପାପରମେଟଲା, ବଡପଡା, ବଡପଦର, ଗାଜୁଲମାମୁଡି, ଧୁଳିପୁଟ ଓ ଖଇରପୁଟ ବ୍ଲକର ମୁଦୁଲିପଡା, ଅଣ୍ଡ୍ରାହାଲ, ବଡଡୁରାଲ ପଞ୍ଚାୟତ ଦାୟିତ୍ୱରେ ଯନ୍ତ୍ରୀ ବେହେରା ରହିଛନ୍ତି। ଏଠାରେ ସବୁବେଳେ ଅପ୍ରୀତିକର ପରିସ୍ଥିତି ଲାଗି ରହିଥିଲା। ରାସ୍ତା ଓ ଗୃହ ନିର୍ମାଣ ପାଇଁ ମେଟାଲ, ବାଲି ଭଳି ଅନ୍ୟାନ୍ୟ ସାମଗ୍ରୀ ମିଳୁ ନ ଥିଲା। ଲାଲବାହିନୀର ନାଲିଆଖି ଯୋଗୁ ଠିକାଦାରମାନେ ମଧ୍ୟ ଏହି ଅଞ୍ଚଳରେ କାର୍ଯ୍ୟ କରିବାକୁ ସାହସ କରୁ ନ ଥିଲେ । ତେବେ ଗୁରୁପ୍ରିୟା ସେତୁ ନିର୍ମାଣ ପରେ ସ୍ୱାଭିମାନ ଅଞ୍ଚଳର ସମସ୍ତ ପଞ୍ଚାୟତ ଯେପରି ବ୍ଲକ ମହକୁମା ସହିତ ଯୋଡି ହେବ ସେଥିପାଇଁ ଜିଲା ପ୍ରଶାସନ ଯନ୍ତ୍ରୀ ବେହେରାଙ୍କୁ ଉକ୍ତ ଅଞ୍ଚଳର ଦାୟିତ୍ୱ ଦେଇଥିଲା। ଦାୟିତ୍ୱ ନେବା ପରେ ବେହେରା ବର୍ତ୍ତମାନ ସୁଦ୍ଧା ୯୦ କିଲୋମିଟର ମାଟି ରାସ୍ତା ଓ ୨୦ କିଲୋମିଟରରୁ ଊର୍ଦ୍ଧ୍ୱ ପିଚୁ ରାସ୍ତା ନିର୍ମାଣ କରିଛନ୍ତି । ଜିଲାପାଳ ମନୀଷ ଅଗ୍ରୱାଲଙ୍କ ପ୍ରୋତ୍ସାହନ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ସହଯୋଗ ଯୋଗୁ ସ୍ୱାଭିମାନ ଅଞ୍ଚଳର ବିକାଶ ଆଗେଇ ଚାଲିଛି । ମୁଁ କେବଳ ଜଣେ ସରକାରୀ କର୍ମଚାରୀର ଦାୟିତ୍ୱ ତୁଲାଇଛି ବୋଲି ବେହେରା କହିଛନ୍ତି।

## ମହିଳାଙ୍କ ପେଟରୁ ବାହାରିଲା ୧ କିଲୋ ଓଜନର ଟ୍ୟୁମର

**ମାଥିଲି/ଗୋବିନ୍ଦପାଲି, ୫।୩ (ଡି.ଏନ.ଏ.)**

ମାଲକାନଗିରି ଜିଲା ମାଥିଲି ବ୍ଲକ ସଦର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଟ୍ୟୁମରର ଅସ୍ତ୍ରୋପ୍ରଚାର ସଫଳ ହୋଇଛି। ପ୍ରସୂତି ଓ ମହିଳା ବିଶେଷଜ୍ଞ ଡା. ଜି.ବି. ନାୟକ ଜଣେ ଆଦିବାସୀ ମହିଳାଙ୍କ ପେଟରୁ ଏକ କିଲୋ ଓଜନର ଟ୍ୟୁମର ଅସ୍ତ୍ରୋପଚାର କରି ବାହାର କରିଥିଲେ। ଟେମୃପାଲି ଗ୍ରାମର ଇନ୍ଦୁବତୀ ବାଳା (୩୦) ଦୀର୍ଘ ଦିନ ଧରି ଟ୍ୟୁମରରେ ଆକ୍ରାନ୍ତ ଥିଲେ। ଏନେଇ ସେ କଷ୍ଟ ଅନୁଭବ କରୁଥିଲେ। ଚିକିତ୍ସା ସମୟରେ ଡାକ୍ତର ତାଙ୍କୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ। ମାତ୍ର ଅର୍ଥାଭାବରୁ ଅସ୍ତ୍ରୋପଚାର କରିପାରୁ ନ ଥିଲେ। ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ପରିବାର ଲୋକେ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଇନ୍ଦୁବତୀଙ୍କ ସଙ୍କଟଜନକ ଅବସ୍ଥା ଦେଖି ତାଙ୍କର ଜରୁରିକାଳୀନ ଅସ୍ତ୍ରୋପ୍ରଚାର କରାଯାଇଥିଲା। ଡା. ନାୟକ ଏବଂ ତାଙ୍କ ଟିମ୍ ଇନ୍ଦୁବତୀଙ୍କ ପେଟରୁ ଅସ୍ତ୍ରୋପଚାର କରି ଟ୍ୟୁମର ବାହାର କରିଥିଲେ। ଡା. ନାୟକଙ୍କ ସାହସିକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି । ଅସ୍ତ୍ରୋପଚାର ପରେ ଇନ୍ଦୁବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଥିବା ଡା. ନାୟକ କହିଛନ୍ତି ।

## କ୍ରିକେଟ ଟୁର୍ନାମେଣ୍ଟ: ବାଲିମେଲା ଫାଇନାଲ୍‌ରେ

**ମାଲକାନଗିରି,୫।୩ (ଡି.ଏନ୍.ଏ.)**

ମାଲକାନଗିରି ଜିଲା କ୍ରିକେଟ୍ ସଂଘ ପକ୍ଷରୁ ଆୟୋଜିତ ଓଡିଶା କ୍ରିକେଟ୍ ଭିଜନ –୨୪ର ତୃତୀୟ ଦିବସ ମ୍ୟାଚ୍‌ରେ ମାଥିଲିକୁ ହରାଇ ବାଲିମେଳା ଦଳ ଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ଦଣ୍ଡକାରଣ୍ୟ ଖେଳ ପଡିଆଠାରେ ଆୟୋଜିତ ଟୁର୍ନାମେଣ୍ଟରେ ମାଥିଲି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ନିର୍ଦ୍ଧାରିତ ୫୦ ଓଭର ମଧ୍ୟରୁ ୪୮ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୪୦ ରନ୍ କରିଥିଲା। ପ୍ରତି ବଦଳରେ ବାଲିମେଳା ୪୯.୩ ଓଭର୍‌ରେ ୮ ଉଇକେଟ୍ ହରାଇ ୨୪୩ ରନ୍ କରି ଫାଇନାଲକୁ ପ୍ରବେଶ କରିଛି। ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ମାଥିଲି ଦଳର ଭଗବାନ ସାହୁ ହୋଇଛନ୍ତି। ସେ ୫୯ ରନ୍ କରି ୨ ଉଇକେଟ୍ ନେଇଥିଲେ। ମାଥିଲିର ବି.ନବୀନ ସେହି ଦଳର ଶ୍ରେଷ୍ଠ ଖେଳାଳି ହୋଇଛନ୍ତି। ୧୦ ଓଭର୍‌ରେ ୫୨ ରନ୍ ଦେଇ ୫ଟି ଉଇକେଟ୍ ନେଇଥିବାରୁ ନବୀନଙ୍କୁ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଓଡିଶା କ୍ରିକେଟ୍ ସଂଘ ମାଲକାନଗିରି ଶାଖାର ସମ୍ପାଦକ ହୃଦାନନ୍ଦ ସାହୁ, କମିଟି ସଦସ୍ୟ ସତପୀର୍ ସିଂ, ରଞ୍ଜନ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ବି.କ୍ରିଷ୍ଣା ଓ ବିନୋଦ ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ। ଅମ୍ପାୟର ଭାବେ ଶଙ୍କର କ୍ଷେତି ଦାୟିତ୍ୱ ତୁଲାଇଥିଲେ।


ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ଖେଳାଳିମାନେ।


ଦୋଳ ପାଇଁ ଗ୍ରାମରେ ହୋଇଥିବା ତୋରଣ।

## ଦୋଳ ପୂର୍ଣ୍ଣିମା ପାଇଁ ମାର୍କାପାଲିରେ ପ୍ରସ୍ତୁତି

**ପାଣ୍ଡ୍ରିପାଣି,୫।୩**

ମାଲକାନଗିରି ସଦର ବ୍ଲକ ମାର୍କାପାଲି ପଞ୍ଚାୟତଠାରେ ଦୋଳ ପୂର୍ଣ୍ଣିମା ଅବସରରେ ହଲପୋଡା ଯାତ୍ରା ହୋଇଥାଏ। ଏହି ଯାତ୍ରା ୪ ଦିନ ଧରି ପାଳନ କରାଯାଏ। ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଆସି ପୂଜାର୍ଚ୍ଚନା କରିବା ସହିତ ଯାତ୍ରାର ମଜା ନେଇଥାନ୍ତି। ଆଦିବାସୀଙ୍କ ପୁରାତନ ବିଶ୍ୱାସରେ କେତେକ ଏହି ହଲପୋଡା ଯାତ୍ରାକୁ ବିଜୟ ଯାତ୍ରା କହୁଥିବା ବେଳେ ଆଉ କେତେକ ହଲିଯାତ୍ରା ବା ଦୋଳ ପୂର୍ଣ୍ଣିମା ବୋଲି କହିଥାନ୍ତି। ଏହି ଅବସରରେ ବିଭିନ୍ନ ଗ୍ରାମର ଲୋକଙ୍କୁ ଲାଠି ଆଣିବାକୁ ନିମନ୍ତ୍ରଣ କରାଯାଇଥାଏ। ସେମାନେ ଫୁଲ ଲାଠି ପ୍ରସ୍ତୁତ କରି ଯାତ୍ରାର ପ୍ରଥମ ଦିନ ଠାକୁରଙ୍କ ପାଖରେ ପୂଜାର୍ଚ୍ଚନା କରିଥାନ୍ତି। ଯାତ୍ରା ଆରମ୍ଭ ହେବାର ୧୫ ଦିନ ପୂର୍ବରୁ ଏହି ଲାଠି ପ୍ରସ୍ତୁତ କରାଯାଏ। ପୌରାଣିକ ବିଶ୍ୱାସ ଅନୁସାରେ ରାଧାକୃଷ୍ଣ ପ୍ରତିମୂର୍ତ୍ତି ତିଆରି କରାଯାଇଥାଏ। ସୁନ୍ଦର ଭାବେ ତୋରଣ ସଜା ଯାଇଥାଏ। ଧୀରେ ଧୀରେ ଯାତ୍ରାର ରୂପରେଖ ମଧ୍ୟ ପରିବର୍ତ୍ତନ ହେଉଥିବା ଦେଖିବାକୁ ମିଳୁଛି। ଚଳିତବର୍ଷ ପ୍ରଥମ କରି ଯାତ୍ରାରେ ମୀନା ବଜାର ପଡିବ। ଏଠାରେ ଏକ ରାଧାକୃଷ୍ଣ ମନ୍ଦିର ହୋଇପାରିଲେ ଏହି ଯାତ୍ରା ଆହୁରି ଲୋକପ୍ରିୟ ହୋଇପାରନ୍ତା ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ବିଭିନ୍ନ ସ୍ଥାନରେ ପଞ୍ଚାୟତିରାଜ ଦିବସ

**ମାଲକାନଗିରି/ କୁଡୁମୁଲୁଗୁମ୍ମା/ କାଲିମେଳା/ପଡିଆ/ ଚିତ୍ରକୋଣ୍ଡା, ୫।୩ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ବିଜୁ ଜନତା ଦଳ ପକ୍ଷରୁ ଦଳୀୟ କାର୍ଯ୍ୟାଳୟରେ ଗୁରୁବାର ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏକ ଶୋଭାଯାତ୍ରାରେ କର୍ମୀମାନେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଥିବା ବିଜୁ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମିଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। ସୁନାର ଓଡିଶା ଗଠନ ପାଇଁ ସ୍ୱପ୍ନ ଦେଖିଥିବା ବିଜୁ ପଟ୍ଟନାୟକଙ୍କ ଆଶା ଆଜି ପୂରଣ ହୋଇଛି। ଦୀର୍ଘ ୨୦ ବର୍ଷ ବିଜେଡି ଶାସନରେ ଓଡିଶାର ବିକାଶ ସର୍ବ ଭାରତୀୟ ସ୍ତରରେ ପ୍ରଶଂସିତ ହୋଇପାରିଛି ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ।

କୁଡୁମୁଲୁଗୁମ୍ମା ପଞ୍ଚାୟତରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି । ଏଥିରେ ସରପଞ୍ଚ ପହଲା ପାଙ୍ଗୀ ସଭାପତିତ୍ୱ କରିଥିଲେ। ନାଏବ ସରପଞ୍ଚ ଚନ୍ଦ୍ର ହନ୍ତାଳ, ସମିତିସଭ୍ୟା ସ୍ମିତା ପ୍ରେପେକା, ଶିକ୍ଷକ ରମେଶ ଚନ୍ଦ୍ର ନେଲୁର, ସାମାଜିକ କର୍ମୀ ଭଗବାନ ସାହୁ, ଗୋପୀ ପାଙ୍ଗୀଙ୍କ ସହ ସମସ୍ତ ୱାର୍ଡସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ସମସ୍ତେ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପଞ୍ଚାୟତସ୍ତରରେ ହେଉଥିବା ସମସ୍ତ ଜନମଙ୍ଗଳ କାର୍ଯ୍ୟଗୁଡିକୁ ଗ୍ରାମବାସୀଙ୍କୁ ଜଣାଇବା ପାଇଁ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ପିଇଓ ପ୍ରଦୀପ କୁମାର ପଣ୍ଡା, ଯୋଗାଣ ସହାୟକ ଦେବେନ୍ଦ୍ର ରାଉତ ସହଯୋଗ କରିଥିଲେ ।

କାଲିମେଳାରେ ପଞ୍ଚାୟତ ସମିତିସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ବିଡିଓ ଉମାଶଙ୍କର ଦଳାଇଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ମାଳା ମାଢି ମୁଖ୍ୟଅତିଥି, ତହସିଲଦାର ଅଲୋକ କୁମାର ଅନୁଗୁଳିଆ ମୁଖ୍ୟବକ୍ତା, ଅଧ୍ୟାପକ ଡ.ରଞ୍ଜନ କୁମାର ସ୍ୱାଇଁ, ଅଧ୍ୟାପକ ଡ.ପଦ୍ମଲୋଚନ ରାଉତ, ସିଡିପିଓ ସନ୍ଧ୍ୟାରାଣୀ ନାୟକ, ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ କଙ୍କଣ କୁମାର ବିଶ୍ୱାସ, ଆଇସିଆଇସି ବ୍ୟାଙ୍କ ପରିଚାଳକ ସୌମ୍ୟ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ଦୁଲାଲ ସେନାପତି ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ୮ ଜଣ ଦିବ୍ୟାଙ୍ଗଙ୍କୁ ବ୍ୟାଙ୍କ ପକ୍ଷରୁ ଋଣ ପ୍ରଦାନ କରାଯାଇଥିଲା। ସଂଯୋଜିକା ରୋଜାଲିନ ଦାସ, ଦେଶା କାମରାମ, ନୀଳକଣ୍ଠ ଭୂମିଆ ସହାୟତା କରିଥିଲେ। ଏହି ଅବସରରେ ବ୍ଲକ ସଭାଗୃହରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବିଡିଓ , ତହସିଲଦାର, ଯୁବ ରେଡକ୍ରସ ସଂଯୋଜକ ଡ. ଆଶିଷ ରାଠୋରଙ୍କ ସମେତ ଉପରୋକ୍ତ ଅତିଥିମାନେ ଉପସ୍ଥିତ ଥିଲେ। ଶିବିରରୁ ୧୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ମାଲକାନଗିରି ରକ୍ତଭଣ୍ଡାରର ଡାକ୍ତର ରଜନୀକାନ୍ତ ଦାସ,ଲାବ୍ ଟେକ୍ନିସିଆନ ସୁଜଳ ରାୟ, ସନ୍ତୋଷ କୁମାର ଚୌଧୁରୀ, ଷ୍ଟାଫନର୍ସ ଏନ୍.ସୁବର୍ଣ୍ଣା, ସହାୟକ କର୍ମୀ ଭାଗୀରଥି ପାଣିଗ୍ରାହୀ ରକ୍ତ ସଂଗ୍ରହ କରଥିଲେ।

ପଡିଆ ସଦର ମହକୁମାସ୍ଥିତ ପଡିଆ ପଞ୍ଚାୟତ ସମିତି ପରିସରରେ ବ୍ଲକସ୍ତରୀୟ ବିଜୁ ପଟ୍ଟନାୟକଙ୍କ ଜନ୍ମତିଥି ଏବଂ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି । ବିଡିଓ ରଘୁନାଥ ମୁଣ୍ଡାରିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ପଞ୍ଚାୟତସମିତି ଅଧ୍ୟକ୍ଷ ଦେବା ମାଡକାମୀ, ଆଞ୍ଚଳିକ ମହାବିଦ୍ୟାଳୟ ଅଧ୍ୟକ୍ଷ ପରମାନନ୍ଦ ମହାପାତ୍ର ମୁଖ୍ୟବକ୍ତା, ବିଧାୟକ ପ୍ରତିନିଧି କୋଟାମ ବାଲାୟା, ଏମପି ପ୍ରତିନିଧି ନାକା ନୁକାଲରାଜୁ, ସରପଞ୍ଚ ନମିତା କରସ୍ତା, ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ । ଜିପିଇଓ କାର୍ତ୍ତିକ ନାୟକ ଓ ବିପିଏମ ଅନୁପ ମିଶ୍ର ପରିଚାଳନା କରିଥିଲେ ।

ଚିତ୍ରକୋଣ୍ଡାରେ ବ୍ଲକସ୍ତରୀୟ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି। ବିଡ଼ିଓ ଲରିମନ ଖରସେଲଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡା.କ୍ଷୀରୋଦ ଚନ୍ଦ୍ର ମହନ୍ତ, ମୁଖ୍ୟବକ୍ତା ଥାନା ଅଧିକାରୀ ଯୁଗଳ ଶବର, ବ୍ଲକ ବିଜୁ ଜନତା ଦଳ ସଭାପତି ହରି ମୋହନ ଖିଲ, ପୂର୍ବତନ ଏମପି ପ୍ରତିନିଧି ପୀତାମ୍ବର ଖେମୁଡୁ, ବନପାଳ ମୃତ୍ୟୁଞ୍ଜୟ ସେଠୀ, କୁଡୁମୁଲୁଗୁମ୍ମା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଟିବୁରାମ ତାଙ୍ଗୁଲ, ସମାଜିକ କର୍ମୀ ଦେବେନ୍ଦ୍ର ଦାସ, ବିଭୁ ପାତ୍ର, ପ୍ରଧାନ ଶିକ୍ଷକ ରବୀନ୍ଦ୍ର ସେଠୀ ସିଡ଼ିପିଓ ଅର୍ନ୍ନପୂର୍ଣ୍ଣା ବୁରୁଦା ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଜିପିଓ ଧୀରେନ ଖଣ୍ଡାଗିରି, ଏମଆଇ ଅଭୟ ଆଦୁ, ବିପିଏମ ପର୍ଶୁରାମ ବେହେରା, ବିଏସଏସଓ ଅମର ମାଡକାମି, ଚାରୁଲତା ଦାସଙ୍କ ସହ ଅନ୍ୟମାନେ ପରିଚାଳନା କରିଥିଲେ।



ମାଲକାନଗିରି ଜିଲା କାଲିମେଳାରେ ହୋଇଥିବା ବ୍ଲକ ସ୍ତରୀୟ ପଞ୍ଚାୟତିରାଜ ଦିବସରେ ମଞ୍ଚାସୀନ ଅତିଥିମାନେ।



ପଡ଼ିଆରେ ପାଳିତ ହେଉଛି ବିଜୁ ଜୟନ୍ତୀ।


କୁଡୁମୁଲୁଗୁମ୍ମାରେ ବିଜୁପ୍ରେମୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶୁକ୍ରବାର, ମାର୍ଚ୍ଚ ୬ /୨୦୨୦ Rayagada, Friday, March 6/ 2020


## ସଂକ୍ଷେପରେ

### ପଞ୍ଚାୟତକୁ ସ୍ୱତନ୍ତ୍ର ଦାୟିତ୍ୱ ଦେବାକୁ ଦାବି

**ରାୟଗଡ଼ା ଅଫିସ, ୫।୩**-ପଞ୍ଚାୟତରାଜ ବ୍ୟବସ୍ଥାକୁ ସଶକ୍ତ କରାଇବା ଉଦ୍ଦେଶ୍ୟରେ ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଙ୍ଗଠନ ପକ୍ଷରୁ ଏକ ସ୍ମାରକପତ୍ର ରାଜ୍ୟପାଳ ଉଦ୍ଦେଶ୍ୟରେ ଜିଲାପାଳ ପ୍ରମୋଦ ବେହେରାଙ୍କୁ ଦିଆଯାଇଛି। ପଞ୍ଚାୟତର କୌଣସି ପ୍ରୋଜେକ୍ଟ ଓ ତତ୍ ଜନିତ ଖର୍ଚ୍ଚ ପାଇଁ ବିଡ଼ିଓଙ୍କ ଅନୁମୋଦନକୁ ବାଧତାମୂଳକ କରା ନ ଯାଉ ବୋଲି ଉଲ୍ଲେଖ କରାଯାଇଛି। ପଞ୍ଚାୟତକୁ ସ୍ୱତନ୍ତ୍ର ଓ ଅଧିକାରକୁ ସୁରକ୍ଷା ଦିଆଯାଉ, ନିୟମିତ ଭାବେ ପଲ୍ଲୀସଭା ଏବଂ ଗ୍ରାମସଭା, ସରପଞ୍ଚ, ସମିତିସଭ୍ୟ, ୱାର୍ଡ଼ ମେମ୍ବର, ଜିଲା ପରିଷଦମାନଙ୍କ ଭତ୍ତା ବୃଦ୍ଧି କରିବାକୁ ଦାବି ହୋଇଛି। ଏହି ଦାବିପତ୍ର ଦେବା ସମୟରେ ଜିଲା କଂଗ୍ରେସର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଇତିହାସ ବିଭାଗ ପାଠଚକ୍ର




**ଗୁଣପୁର,୫।୩ (ଡି.ଏନ୍.ଏ.)**- ରାୟଗଡା ଜିଲା ଗୁଣପୁର କଲେଜ ଇତିହାସ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଯାଛି। ଏଥିରେ ପ୍ରାଣୀ ବିଜ୍ଞାନ ବିଭାଗୀୟ ମୁଖ୍ୟ ରାମଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଇତିହାସ ପଠନର ଉପଯୋଗୀତା ସଂପର୍କରେ ସେ କହିଥିଲେ। ଇତିହାସ ବିଭାଗ ମୁଖ୍ୟ ଡ.ଜବାହାର ଚୌଧୁରୀ ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ର ଜି.ବିବେକ କୁମାରଙ୍କ ଦ୍ୱାରା ଲିଖିତ ସନ୍ଦର୍ଭକୁ ପାଠ କରିଥିଲେ। ଏଥିସହ ଆଞ୍ଚଳିକ ଅବହେଳିତ ଇତିହାସଲେଖିବାର ଉପାୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇ ଥିଲେ। ପ୍ରଥମ ବର୍ଷ ଛାତ୍ର ଜଗଦିଶ୍ୱେର କୋଲା ମଧ ଏକ ସନ୍ଦର୍ଭ ପାଠ କରିଥିଲେ। ପ୍ରାଣୀ ବିଭାଗର ଅଧାପିକା ବନ୍ଦିତା ଧୁରୁଆ ସନ୍ଦର୍ଭର ବିଭିନ୍ନ ଦିଗ ଉପରେ କହିଥିଲେ। ଇହିହାସ ବିଭାଗ ଅଧାପକ ଡ.ସତ୍ୟବାନ ଗରଡା ଓ ଡ.ଅଜୟ ରୟତ ଉପସ୍ଥିତ ଥିଲେ। ଅମିଲଶବର, ମାଙ୍ଗେଇ ଗମାଙ୍ଗ, ସିକନ୍ଦର ଶବର, ୱାଇ. କାବ୍ୟା, ଲିସା ଦାସ, ଲିପସା ଶ୍ରିରାମ, ପି.ଲାୟ୍ୟା, ଏ.ଚିନ୍ନୁ, ଏନ.ରୋହିତ, ଏନ.ଅନୁସା, ପିଙ୍କି ଭୂୟାଁ, ଜଶ୍ମିନ ଗମାଙ୍ଗ, ଆର.ପେଦାଣ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳାନା କରିଥିଲେ।

### ଦେଶୀ ବନ୍ଧୁକ ସହ ଶିକାରୀ ଗିରଫ

ସଜନାଗଡ଼, ୫।୩(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ କୁଲଡ଼ିହା ଅଭୟାରଣ୍ୟ ଭିତରେ ଦିନକୁ ଦିନ ଶିକାରୀମାନଙ୍କ ପ୍ରାର୍ଦୁଭାବ ବଢିବାରେ ଲାଗିଛି। ଏହାକୁ ରୋକିବା ପାଇଁ କୁଲଡ଼ିହା ରେଞ୍ଜର ବିଜୟ ମହାପାତ୍ରଙ୍କ ନିର୍ଦ୍ଦେଶରେ ଏକ ଟିମ୍ ବୁଧବାର ରାତି ୮ଟା ବେଳେ ପୁଟିବନ୍ଧ ନିକଟରେ ଚଢ଼ାଉ କରିଥିଲେ। ସେଠାରେ ତେଲିପାଳ ପଞ୍ଚାୟତର ପୁଟିବନ୍ଧ ଗ୍ରାମର ମୁନସୀ ସିଂ (୨୭) ଶିକାର ପାଇଁ ଏକ ଗୁଳି ଭର୍ତ୍ତି ଦେଶୀ ବନ୍ଧୁକ ନେଇ ଯାଉଥିବା ବେଳେ ବନ ବିଭାଗ ହାତରେ ଧରାପଡ଼ିଥିଲେ।

# ତୃଣମୂଳସ୍ତରରୁ ଦୃଢ଼ ହେବା ସହ ଭିତ୍ତିଭୂମି ବିକାଶ ଜରୁରୀ

**ରାୟଗଡ଼ା ଅଫିସ, ୫।୩**



ବୈଠକରେ ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧି।

ରାୟଗଡ଼ ସହରସ୍ଥିତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଭାଗୃହରେ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା ଓ ଜିଲାପାଳ ପ୍ରମୋଦ କୁମାର ବେହେରା ଅତିଥିଭାବେ ଯୋଗ ଦେଇଥିଲେ। ଡିଆର୍‌ଡିଏ ପିଡି ଅମ୍ରିତ ରତୁରାଜଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କରାଯାଇଛି। ୫-ଟିର ପଲ୍ଲୀରେ ପ୍ରଶାସନ ଦ୍ୱାରା କରାଯାଇଥିବା ଯୋଜନା କିପରି କାର୍ଯ୍ୟକାରୀ ହେଉଛି ସେ ନେଇ ବୈଠକରେ ଆଲୋଚନା ହୋଇଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମଦିନ ଅବସର ଯୋଗୁ ଅତିଥିମାନେ ତାଙ୍କ ସ୍ମୃତିଚାରଣ କରିଥିଲେ। ବୈଠକରେ ବିଜୁ ବାବୁଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମହିଳା ସଶକ୍ତିକରଣ, ମହିଳା ସଂରକ୍ଷଣ, ଓଡ଼ିଶାରେ ଶିଳ୍ପ ବିପ୍ଳବ, ସୁଦୃଢ଼ ଓଡ଼ିଶା ତଥା ଭାରତ ଗଠନ ବିଜୁ ବାବୁଙ୍କ ସ୍ୱପ୍ନ ଥିଲା। ଏହାକୁ ପୂରଣ କରାଯିବ ବୋଲି ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା କହିଛନ୍ତି। ପିଡ଼ି ପଞ୍ଚାୟତରାଜ ପାଣ୍ଠିରୁ ଖର୍ଚ୍ଚ କରାଯାଇ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ବିବରଣୀ ଦେଇଥିଲେ। ପଞ୍ଚାୟତରାଜ ବିଭାଗରେ ଆସିଥିବା ଟଙ୍କାଗୁଡ଼ିକ ଯେପରି ଫେରି ନ ଯିବ ସେ ନେଇ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଛି। ବିଭିନ୍ନ ଲୋକଙ୍କ ସଚେତନ ପାଇଁ ନିଆ ଯାଇଥିବା ପଦକ୍ଷେପ ବିଷୟରେ କୁହାଯାଇଥିଲା। ତୃଣମୁଳସ୍ତରରୁ କାମ ନ ହେଲେ ଉନ୍ନତି ହୋଇ ପାରିବ ନାହିଁ ବୋଲି ଆଲୋଚନା ହୋଇଥିଲା। ଭିତିଭୂମିର ଉନ୍ନତି କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ରାୟଗଡ଼ା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ, ପବ୍ଲିକ ରିପ୍ରେଜେନ୍‌ଟେଟିଭ, ସ୍ୱଚ୍ଛ ସାଥୀ ଓ ବିଜୁ ଯୁବ ବାହିନୀ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଗଡାଣି ରାସ୍ତାରେ ବସ୍ ଓଲଟି ୨ ଗୁରୁତର

**ଟିକିରି/ରାୟଗଡ଼ା ଅଫିସ,୫।୩(ଡି.ଏନ୍.ଏ.)**



ଦୁର୍ଘଟଣାଗ୍ରସ୍ତ ବସ୍।

ରାୟଗଡ଼ା ଜିଲା କାଶୀପୁର ସଦର ମହକୁମାରେ ବୁଧବାର ବିଳମ୍ବିତ ରାତିରେ ଏକ ବସ୍ ଦୁର୍ଘଟରା ଗ୍ରସ୍ତ ହୋଇଛି। ଏଥିରେ ଦୁଇଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସୁଙ୍ଗେର ଗ୍ରାମର ଯୁଧିଷ୍ଠୀର ନାଏକ ଓ କାଶୀପୁର ଗୌଡ଼ ସାହି ନିବାସୀ ପ୍ରଦୀପ ଗୋପାଳ। ଗୁରୁତର ଅବସ୍ଥାରେ ସେମାନଙ୍କୁ ଚିକିତ୍ସା କରାଯାଉଛି।

ବୁଧବାର ହନୁମାନ ବସ୍ ସୁଙ୍ଗେରରୁ କାଶୀପୁର ଆଡକୁ ଫେରୁଥିଲା। ଦ୍ରୁତ ଗତିରେ ଆସୁଥିବା ଯୋଗୁ ବସଟି କୋର୍ଟ ଛକ ଗଡାଣିଆ ରାସ୍ତାରୁ ନିୟନ୍ତ୍ରଣ ହରାଇଥିଲା। ଡ୍ରାଇଭର ବ୍ରେକ୍ ମାରିବାରୁ ମେଡିକାଲ ସମ୍ମୁଖରେ ଥିବା ଟ୍ରାନ୍ସଫର୍ମରରେ ବସ୍‌ଟି ପିଟି ହୋଇ ନିକଟରେ ଥିବା ଏକ ପାନ ଦୋକାନ ଉପରେ ଓଲଟି ପଡିଥିଲା। ଏଥିରେ ପାନ ଦୋକାନ ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର ହେଇଯାଇଛି। ବସ୍ ଓଲଟିବା ଶବ୍ଦ ଶୁଣି ମେଡିକାଲ କର୍ମଚାରୀ ଡ଼ଃ ରାବଡା ରାମା ରାଓ ଙ୍କୁ ଡାକିଥିଲେ। ବସ୍ ଭିତରେ ଥିବା ଯୁଧିଷ୍ଠିରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପାନ ଦୋକନ ଭିତରେ ଶୋଇଥିବା ପ୍ରଦୀପ ଗୋପାଳଏଥିରେ ଗୁରୁତର ହୋଇଥିଲେ। ସେ ଦୋକା ତଳେ ଚାପି ହୋଇ ଯାଇଥିଲେ। ତାଙ୍କୁ ମଧ ଉଦ୍ଧାର କରାଯାଇ ଥିଲା। ଉଭୟଙ୍କୁ କାଶୀପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ରାୟଗଡା ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି। ବସ୍‌ରେ ଥିବା ଅନ୍ୟ ୩ଜଣ ଫେରାର ଥିବା ସୂଚନା ମିଳିଛି।

## ଉମ୍ୱସରା ଡିଗ୍ରୀ କଲେଜରେ କ୍ୟାରିୟର କାଉନ୍‌ସେଲିଂ

**ଗୁଣପୁର, ୫।୩ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ବ୍ଲକସ୍ଥିତ ଉମ୍ୱସରା ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ କ୍ୟାରିୟର କାଉନ୍‌ସେଲିଂ ପାଠ୍ୟକ୍ରମ ଆରମ୍ଭ ହୋଇଛି। ବିଭିନ୍ନ କମ୍ପାନୀରୁ ଆସିଥିବା ଅତିଥିମାନେ ଏସ୍‌ଏସ୍‌ସି, ବ୍ୟାଙ୍କ ପିଓ, କ୍ଲର୍କ, ରେଲୱେ, ଓଏସ୍‌ଏସ୍‌ସି, ବିଇଡି, ଟିଇଟି, ଡିଫେନ୍ସ ଏବଂ କମ୍ପ୍ୟୁଟର ତଥା କମର୍ସିଆଲ ସ୍କିଲ ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। କଲେଜ ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇଂଲିଶ ଅଧ୍ୟାପକ ଶ୍ରୀକାନ୍ତ ରଥ, ଶିକ୍ଷା ବିଭାଗୀୟ ମୁଖ୍ୟ ରତିକାନ୍ତ ମିଶ୍ର, ରାଜନୀତି ବିଜ୍ଞାନ ବରିଷ୍ଠ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମାଝି ଏବଂ ଗାୟତ୍ରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗଣେଶ ମଲିଫୁଲ, ସୂର୍ଯ୍ୟକୁମାର ମଲିଫୁଲ, ସୁମନ ଶବର, ରମେଶ ଜଟିଆ, ନୀଳମଣି ଅମ୍ରି, ଜଗନ୍ନାଥ ସାହୁକାର, ବିରଞ୍ଚି ଶବର ପ୍ରମୁଖ ଯୋଗ ଦେଇଥିଲେ। ଏଭଳି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ପାଇଁ ଫଳପ୍ରଦ ହେବ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ କର୍ମଚାରୀଙ୍କ ସମେତ +୩ ଶେଷବର୍ଷର ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ସବୁଜ ବଳୟ ସୃଷ୍ଟି କରିବାକୁ ସଚେତନତା

**ଚନ୍ଦ୍ରପୁର, ୫।୩ (ଡି.ଏନ୍.ଏ.)**

ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ରାୟଗଡା ବନଖଣ୍ଡ ପକ୍ଷରୁ ଜଙ୍ଗଲ ସୁରକ୍ଷା ନେଇ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ବନ ବିଭାଗର ସବୁଜ ମହାନଦୀ ଅଭିଯାନ କାର୍ଯ୍ୟକ୍ରମର ଏକ ରଥ ଚନ୍ଦ୍ରପୁର ସଦର ମହକୁମାରେ ସମସ୍ତ ସାହି ପରିକ୍ରମା କରିଥିଲା। ମାଟିର ସୁରକ୍ଷା, ପରିବେଶର ସୁରକ୍ଷା, ପର୍ଯ୍ୟାପ୍ତ ପରିମାଣରେ ଚାରାରୋପଣ କରି ନଦୀକୂଳରେ ଏକ ସବୁଜ ବଳୟ ସୃଷ୍ଟି, ଜମିର ଆର୍ଦ୍ରତା ବୃଦ୍ଧି କରିବାକୁ ରଥ ସଚେତନ କରିଥିଲା। ଏଥିରେ ଚନ୍ଦ୍ରପୁର ଆଶ୍ରମ ସରକାରୀ ଉଚ୍ଚ ବିଦ୍ୟାଳୟର ଷଷ୍ଠରୁ ନବମ ଶ୍ରେଣୀ ଛାତ୍ରୀଛାତ୍ରମାନେ ପରିବେଶ, ଜଙ୍ଗଲ ସୁରକ୍ଷା ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଚନ୍ଦ୍ରପୁର ବନ ବିଭାଗର ଫରେଷ୍ଟର ଉମ୍ୱରୁଧର ସେନାପତି, ଫରେଷ୍ଟଗାର୍ଡ ଗୀତାଞ୍ଜଳି ବଡଜେନା, ଜଗଦୀଶ ନାୟକ, ବିମ୍ବରାଜ ମିଶ୍ର, ସହକାରୀ ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ, ରୁଦ୍ରନାରାୟଣ ଓ ମୀନ ବେଡ୍ରେକା ପ୍ରମୁଖ ସାମିଲ ହୋଇଥିଲେ।



ସଚେତନତା ରଥ ସହ ଛାତ୍ରୀଛାତ୍ର ଗାଁ ପରିକ୍ରମା କରୁଛନ୍ତି।

# ସୁନାଗରିକ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

**ଗୁଣପୁର,୫।୩(ଡି.ଏନ୍.ଏ.)**

ରାୟଗଡା ଜିଲା ଗୁଣପୁର ବ୍ଲକ ବାଗଶଳା ପଞ୍ଚାୟତ ଅଧୀନ ଭାରସିଂ ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଗୁଣପୁର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗୋରାଚାନ୍ଦ ଗମାଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଦିବାସୀ ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମଙ୍ଗଳ ବିଭାଗର ଜିଲା ଶିକ୍ଷା ମଣ୍ଡଳାଧିକୃତ ଚନ୍ଦ୍ର ମହଲା ମୁଖ୍ୟବକ୍ତାଭାବେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାସ, ବିଧାୟକ ରଘୁନାଥ ଗମାଙ୍ଗ, ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ଜିଲାଶିକ୍ଷା ନିରୀକ୍ଷକ ଶ୍ୟାମଭୂଷଣ ଭୂୟାଁ, ରାୟଗଡା ଆଇଟିଡିଏ ଅବସରପ୍ରାପ୍ତ ସ୍ୱତନ୍ତ୍ର ଅଧିକାରୀ ବିଦ୍ୟାଭୂଷଣ ମହାନ୍ତି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଏ.ଶ୍ରୀନିବାସ ଆଚାରୀ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ନରସିଂହ ନାଥ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଦାସ ବିବରଣୀ ପାଠ କରିଥିଲେ। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ବିଜୁ ଜୟନ୍ତୀ ପାଳିତ

**ରାୟଗଡ଼ା ଅଫିସ, ୫।୩**

ବିଜୁ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ବିଜୁ ବାବୁଙ୍କ ଜୟନ୍ତୀ ପାଳନ କରାଯାଇଛି। ସ୍ଥାନୀୟ ବସ୍‌ଷ୍ଟାଣ୍ଡରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ରାଜ୍ୟସଭା ସଦସ୍ୟ ଏନ୍.ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ଲାଲ ବିହାରୀ ହିମିରିକା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧିର ଦାସ, ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ବରିଷ୍ଠ ବିଜେଡ଼ି ନେତା ବ୍ରଜସୁନ୍ଦର ନାୟକ, ନିରଞ୍ଜନ ବିଶ୍ୱପାତ୍ରଙ୍କ ସମେତ ଜିଲା ବିଜେଡ଼ି କର୍ମୀମାନେ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ।



ରାୟଗଡା ବସଷ୍ଟାଣ୍ଡସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି।

# ନିର୍ମାଣର ବର୍ଷକ ମଧ୍ୟରେ ଫୁଟ୍ ଓଭର ବ୍ରିଜ୍‌ରେ ଫାଟ

- ନିମ୍ନମାନର କାମ ଅଭିଯୋଗ
- ମରାମତି ଦାବି

**ରାୟଗଡ଼ା ଅଫିସ,୫।୩**

ରାୟଗଡ଼ା ସଦର ବ୍ଲକ ରୁ ୧୫ କିମି ଦୂରରେ ଥିବା ଜେମାଦେଈପେଣ୍ଟ ରେଳ ଷ୍ଟେଶନରେ ଫୁଟ୍ ଓଭର ବ୍ରିଜ ନିର୍ମାଣ କରିବାକୁ ସ୍ଥାନୀୟ ଲୋକଙ୍କ ଦୀର୍ଘ ଦିନର ଦାବି ରହିଥଲା। ୨୦୧୯ ଫେବୃୟାରୀ ୧୬ରେ ପ୍ରାୟ ୬୦ଲକ୍ଷ ଟଙ୍କା ବ୍ୟୟରେ ଏଠାରେ ଏକ ଫୁଟ୍ ଓଭର ବ୍ରିଜ ନିର୍ମାଣ କରାଯାଇଥିଲା। କିନ୍ତୁ କାମ ନିମ୍ନମାନର ହୋଇଥିବାରୁ ଏବେ ଏହି ବ୍ରିଜରେ ଫାଟ ଦେଖାଦେଇଛି। ଲୋକମାନଙ୍କ ଜୀବନ ପ୍ରତି ବିପଦ ରହିଥିବା ସ୍ଥାନୀୟ ଲୋକେ କହିଛନ୍ତି। ବିଗତ ଦିନରେ ଦେଶର ବଡ଼ ବଡ଼ ଷ୍ଟେଶନରେ ଓଭର ବ୍ରିଜ ଭୁଶୁଡି ଧନ ଜୀବନ ହାନି ହୋଇଥିବା ନଜିର ରହିଛି। ତେଣୁ ଏହି ବ୍ରିଜ କାମ ହେବା ସମୟରେ ରେଲୱେ ପକ୍ଷରୁ କାମ ତଦାରଖ କରିବା ଜରୁରୀ ଥିଲା ବୋଲି ଲୋକେ କହିଛନ୍ତି। ବୈଷୟିକ ଦଳ ସମୟ ସମୟରେ ଫୁଟ ଓଭର ବ୍ରିଜକୁ ତଦାରଖ କରି ରିପୋର୍ଟ ଦେଇଥାନ୍ତି। ୨୦୧୯ରେ ଫେବୃୟାରୀ ୧୯ରେ ରେଲୱେ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହି ବ୍ରିଜର ତଦାରଖ କାମ କରାଯାଇଥିଲା। ପରବର୍ତ୍ତୀ ନିରୀକ୍ଷଣ ଫେବୃୟାରୀ ୨୦୨୦ରେ ହେବାର ଥିଲା ବୋଲି ସେଠାରେ ଲାଗିଥିବା ଏକ ଫଳକରୁ ଜଣାପଡିଛି। କିନ୍ତୁ ଏଯାଏ ଉକ୍ତ ବ୍ରିଜର ନିରୀକ୍ଷଣ କରିବାକୁ କେହି ହେଲେ ଅଧିକାରୀ ଆସି ନ ଥିବା ଅଭିଯୋଗ ହୋଇଛି। ଫୁଟ ଓଭର ବ୍ରିଜରେ ହୋଇଥିବା ଫାଟକୁ ତୁରନ୍ତ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି। ସିନିୟର ସେକ୍‌ଶନ ଇଞ୍ଜିନିୟର ଜି.ଶ୍ରୀନିବାସଙ୍କୁ ପଚାରିବାରୁ ଏ ନେଇ ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ବ୍ରିଜର ଫାଟିଯାଇଥିବା ଅଂଶ (ବୃତ୍ତ ଚିହ୍ନିତ)।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

